# ୧୪ରେ ରାଜ୍ୟ ମନ୍ତ୍ରିପରିଷଦ ବୈଠକ

**ଭୁବନେଶ୍ୱର, ୧୨।୩/ ଏନ୍‌ଏନ୍‌ଏସ୍ :**

ଆସନ୍ତା ୧୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରିପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ସଚିବାଳୟରେ ଅପରାହ୍ନ ୫ଟା ୪୫ମିନିଟ୍‌ରେ ହେବାକୁ ଥିବା ଏହି ବୈଠକରେ ୨୦୧୮-୧୯ ଆର୍ଥିକ ବର୍ଷର ବଜେଟ୍‌କୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି । ସମସ୍ତ ମନ୍ତ୍ରୀଙ୍କୁ ବୈଠକରେ ଉପସ୍ଥିତ ରହିବା ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ଏଥର ରାଜ୍ୟ ବଜେଟ୍ ପ୍ରାୟ ୧.୧୮ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା କୁହାଯାଉଛି ।

NITIDIN Tue, Mar 13, 2018
http://odishanewsnitidin.com